## ୫ ବଖରା ଜଳିଗଲା

ଖଇରା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁଣ୍ଡିରା ଗ୍ରାମରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୨ ପରିବାରର ୫ ବଖରା ଘର ଜଳିଯାଇଛି। ହରିହର ସେଠୀଙ୍କ ୩ ବଖରା ଓ ମହେନ୍ଦ୍ର ସେଠୀଙ୍କର ୨ବଖରା ରହିଛି। ପରିବାରର ସମସ୍ତେ କାମ ପାଇଁ ବିଲକୁ ଚାଲିଯାଇଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିବାରୁ ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ହେବ ବୋଲି କୁହାଯାଉଛି। ଖଇରା ଅଗ୍ନିଶମ ଅଧିକାରୀ ମାନସ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଖଇରା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### ଶଟ୍ ସର୍କିଟରୁ ଧୂଆଁମୟ ହେଲା ଡାକ୍ତରଖାନା

ରାଇରଙ୍ଗପୁର,୧୨।୮(ଡି.ଏନ.ଏ.)- ଶଟ୍ ସର୍କିଟ କାରଣରୁ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନା ଶିଶୁ ବିଭାଗ ୱାର୍ଡ ଗୁରୁବାର ଧୂଆଁମୟ ହୋଇଯାଇଥିଲା। ଅପରାହ୍ନ ୧.୩୦ରେ ଡାକ୍ତରଖାନାର ତୃତୀୟ ମହଲାରେ ଥିବା ଏହି ୱାର୍ଡରେ ହଠାତ୍ ଇଲେକ୍ଟ୍ରିକ୍ ତାରରେ ନିଆଁ ଲାଗି ଯାଇଥିଲା। ଫଳରେ ୱାର୍ଡ ସାରା ଧୂଆଁମୟ ହୋଇଯାଇଥିଲା। ଅଘଟଣ ଆଶଙ୍କାରେ ଡ୍ୟୁଟିରେ ଥିବା କର୍ମଚାରୀମାନେ ସେଠାରେ ଚିକିତ୍ସିତ ହେଉଥିବା ୨୫ଜଣ ଶିଶୁ ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କୁ ସ୍ଥାନାନ୍ତର କରିଥିଲେ। ପରେ ଧୂଆଁ କମିବାରୁ ରୋଗୀମାନଙ୍କୁ ୱାର୍ଡକୁ ଅଣାଯାଇଥିଲା। ଏଥିଯୋଗୁ ଡାକ୍ତରଖାନାର କିଛି କ୍ଷତି ହୋଇନି ବୋଲି ଉପଖଣ୍ଡ ଚିକିତ୍ସାଧିକାରୀ ଡା.ସାଗର ଚନ୍ଦ୍ର ନାଏକ କହିଛନ୍ତି।

### କୃତଜ୍ଞତା ସଭାରେ ଖବରଦାତାଙ୍କୁ ଦୁର୍ବ୍ୟବହାର

ଉଦଳା,୧୨।୮(ଡି.ଏନ.ଏ.)- ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ନେଇ ରାଜ୍ୟ ସରକାରଙ୍କ ଘୋଷଣା ପରେ ମୟୂରଭଞ୍ଜ ଜିଲା ଉଦଳାଠାରେ ବୁଧବାର ବିଜେଡ଼ି ପକ୍ଷରୁ ଆୟୋଜିତ କୃତଜ୍ଞତା ସଭାରେ ଖବରଦାତାମାନଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଖବରଦାତାମାନେ କାର୍ଯ୍ୟକ୍ରମକୁ ବୟକଟ କରି ଚାଲିଆସିବା ଚର୍ଚ୍ଚାର ବିଷୟ ହୋଇଛି। ଉଦଳା ଜଗନ୍ନାଥୀ ପଡ଼ିଆଠାରେ ଏହି କୃତଜ୍ଞତା ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ଉଦଳାର ସମସ୍ତ ଖବରଦାତାମାନଙ୍କୁ ବିଜେଡି ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ଖବରଦାତାମାନେ ବସିଥିବା ବେଳେ ସେମାନଙ୍କ ଆଗରେ ଚେୟାର ପକାଇ ବିଜେଡି ମହିଳା ନେତ୍ରୀମାନଙ୍କୁ ବସାଯାଇଥିଲା। ଏନେଇ ଖବରଦାତାମାନେ ପ୍ରତିବାଦ କରିବାରୁ ସେଠାରେ ଉପସ୍ଥିତ ପୂର୍ବତନ ନଗରପାଳ ତଥା ବିଜେଡି ନେତା ମନୋଜ ମହାନ୍ତି ଖବରଦାତାମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡିର ବହୁ ନେତା ଉପସ୍ଥିତ ଥିବା ବେଳେ କେହି ପାଟି ଖୋଲି ନ ଥିଲେ। ଫଳରେ ଖବରଦାତାମାନେ କାର୍ଯ୍ୟକ୍ରମ ସ୍ଥଳ ଛାଡ଼ି ଚାଲି ଆସିଥିଲେ। ଏନେଇ ନଗର ସଭାପତି ବଳରାମ ବେହେରା ଦୁଃଖ ପ୍ରକାଶ କରିବା ସହ ଅଗାମୀ ଦିନରେ ଏଭଳି ଘଟଣାର ପୁନରାବୃତ୍ତି ହେବନାହିଁ ବୋଲି କହିଥିଲେ।

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବାରିପଦା ଅଫିସ,୧୨।୮- ମୟୂରଭଞ୍ଜ ଜିଲା ବାରିପଦା ଷ୍ଟେଶନ ବଜାର ଲେଭଲ କ୍ରସିଂ ନିକଟ ଶୂନଗଡ଼ିଆଠାରୁ ଗୁରୁବାର ଜନୈକ ଯୁବକଙ୍କ ମୃତଦେହକୁ ରେଳବାଇ ପୋଲିସ ଜବତ କରିଛି। ମୃତକ ହେଲେ ସ୍ଥାନୀୟ ଅଞ୍ଚଳର ରବୀନ୍ଦ୍ର ସିଂ(୨୩) । ଏ ସଂକ୍ରାନ୍ତରେ ରେଳବାଇ ପୋଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି।

### ସାମାଜିକ କର୍ମୀଙ୍କ ପିତୃ ବିୟୋଗ

ବାରିପଦା ଅଫିସ,୧୨।୮- ମୟୂରଭଞ୍ଜ ଜିଲା ବାରିପଦା ବୁଢ଼ିଖମାରୀସ୍ଥିତ ସମାଜସେବୀ ଅମର ସେଠୀଙ୍କ ପିତା ରଘୁନାଥ ସେଠୀ(୯୪)ଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ସେ ଜଣେ ପରପୋକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି



ଥିଲେ। ତାଙ୍କ ବିୟୋଗରେ ଶୋକର ଛାୟା ଖେଳି ଯାଇଛି। ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି, ମୋରଡ଼ା ବିଧାୟକ ରାଜକିଶୋର ଦାସ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, ଦେବାଶିଷ ମାରାଣ୍ଡି, ପ୍ରାକ୍ତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି, ବାଙ୍ଗିରିପୋଷି ବ୍ଲକ ଅଧକ୍ଷ ସୁବୋଧ ମାରାଣ୍ଡି, ଦୁର୍ଗା ମାରାଣ୍ଡି, ଶାମାଖୁଣ୍ଟା ବ୍ଲକ ଅଧକ୍ଷ ବିଲକାନ ସିଂ, ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ବିବେକାନନ୍ଦ ପଟ୍ଟନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶୋକାକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁଅ ଅଶୋକ ଓ ଅମର, ଦୁଇ ଝିଅ, ଦୁଇ ଜ୍ୱାଇଁ, ନାତି ଓ ନାତୁଣୀମାନେ ଉପସ୍ଥିତ ଥିଲେ।

# ମନ୍ଥର ଗତିରେ ସେତୁ ନିର୍ମାଣ

ବାରିପଦା ଅଫିସ,୧୨।୮



ବୁଢ଼ାବଳଙ୍ଗ ନଦୀରେ ନିର୍ମାଣାଧୀନ ସେତୁ।

ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀରେ ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟ ଶେଷ ହେବାକୁ ଆଉ ୮ମାସ ରହିଥିବା ବେଳେ ମନ୍ଥରଗତିରେ କାମ ଚାଲିଛି। ନିର୍ମାଣ ସମୟରେ ବାଲି, ଗୋଡ଼ି ଜମା ହୋଇ ରହୁଥିବାରୁ ନଦୀ ଜଳ ନିଷ୍କାସନରେ ବାଧା ଉପୁଜୁଛି। ଫଳରେ ବର୍ଷା ଦିନେ ଶିମିଳିପାଳରୁ ଉଦବୃତ୍ତ ବନ୍ୟା ଜଳ ସାହିବସ୍ତି ଅଞ୍ଚଳରେ ପ୍ରବେଶ କରୁଥିବାରୁ ବ୍ୟାପକ କ୍ଷୟକ୍ଷତି ହେଉଛି। ଉକ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକେ ବହୁ ହଇରାଣ ହେଉଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରା ନ ଗଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ବାରିପଦା-ଉଦଳାକୁ ସଂଯୋଗ କରୁଥିବା ରାଜ୍ୟ ସଡ଼କ ପଥର ମଧୁବନଠାରେ ଏହି ସେତୁ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ପ୍ରଥମ ପର୍ଯ୍ୟାୟରେ ପୂର୍ତ୍ତ ବିଭାଗ ପକ୍ଷରୁ ୨୭କୋଟି ୨୯ଲକ୍ଷ ୮୦ହଜାର୨୦୬ଟଙ୍କା ବ୍ୟୟ ଅଟକଳ ମଞ୍ଜୁର କରାଯାଇଥିଲା। ଆଇରନ ଟ୍ରାଏ ଏଙ୍ଗେଲ୍ ପକ୍ଷରୁ ୨୦୧୭ମଇ ମାସରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ଡିସେମ୍ବର ୨୦୧୮ରେ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ଅଧିକ ଦୁଇଟି ସ୍ପାନର ଆବଶ୍ୟକତା ଥିବା ଦେଖି ବିଭାଗ ପକ୍ଷରୁ ଅଟକଳ ପରିମାଣ ପରିବର୍ତ୍ତନ କରାଯାଇ ୩୦.୫୭କୋଟି ପ୍ରଦାନ କରାଯାଇଛି। ଏହି ଅର୍ଥରେ ୩୬.୫ମିଟର ବ୍ୟବଧାନରେ ୮ଟି ସ୍ପାମ୍ ଦ୍ୱାରା ୨୯୨ମିଟର ଦୈର୍ଘ୍ୟର ସେତୁ ନିର୍ମାଣ କରାଯିବ। ଏହା ବ୍ୟତୀତ ମଧୁବନ ପାର୍ଶ୍ୱରେ ସେତୁ ସଂଯୋଗ ପାଇଁ ୪ଶହ ମିଟର ଓ ଅପର ପାର୍ଶ୍ୱରେ ୨ଶହ ମିଟର ଆପ୍ରୋଚ ରୋଡ୍ ନିର୍ମାଣ ହେବ । ଅଦ୍ୟାବଧି ପୋଲର ୫ଟି ପିଲର ନିର୍ମାଣ ସରିଥିବା ବେଳେ ଦୁଇଟିର କାର୍ଯ୍ୟ ଆରମ୍ଭ ହୋଇଛି। କୌଣସି ସ୍ପାମ ପଡ଼ି ନ ଥିବାରୁ ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ୩ବର୍ଷ ଧରି ସେତୁ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଶେଷ ହେବାକୁ ଆହୁରି ଦୁଇବର୍ଷ ଲାଗିବ ବୋଲି ଅବସରପ୍ରାପ୍ତ ଯନ୍ତ୍ରୀମାନେ ଆକଳନ କରିଛନ୍ତି। ତେବେ ଦୁଇ ବର୍ଷରେ ନିର୍ମାଣ ଶେଷ କରିବାକୁ ଥିବା ସେତୁ କାର୍ଯ୍ୟରେ ଅହେତୁକ ବିଳମ୍ବକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେଠାରେ ଥିବା ଅଣଓସାରିଆ ପୁରାତନ ପୋଲରେ ପ୍ରବଳ ଭିଡ଼ ହେଉଥିବାରୁ ଯାତାୟାତରେ ବହୁ ଅସୁବିଧା ହେଉଛି ବୋଲି ଗୋବିନ୍ଦ ନାଏକ, ସନାତନ ସିଂ, ପଞ୍ଚାନନ ନାଏକ ପ୍ରମୁଖ କହିଛନ୍ତି। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗର ସହକାରୀଯନ୍ତ୍ରୀ ବିକାଶ ପାଣିଙ୍କୁ ପଚାରିବାରୁ ମାର୍ଚ୍ଚ ୨୦୨୨ରେ ଏହି ପୋଲ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ରହିଛି। ତେବେ ବିଶେଷ କାରଣ ଥିଲେ ତାହା ଅଧିକ ୩/୪ମାସ ମଧ୍ୟରେ ଶେଷ ହେବ ବୋଲି ପ୍ରକାଶ କରିଛନ୍ତି । ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ମଧୁବନ ଉନ୍ନୟନ ପରିଷଦର ସମ୍ପାଦକ ବିକ୍ରମ କେଶରୀ ଜେନା ଓ ସଦସ୍ୟମାନେ ଦାବି କରିଛନ୍ତି ।

## ପାନୀୟ ଜଳ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



ବିଧାୟକ ନିତ୍ୟାନନ୍ଦ ସାହୁ ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଲଙ୍ଗଳେଶ୍ୱର,୧୨।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ନାଇକୁଡି ପଞ୍ଚାୟତର ଦୁଇଟି ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ। ନାଡବଣି ଓ ଆଗତମଳାଠାରେ ଦୁଇଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ବସ୍ତା ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମୀଧର ଦାସ, ନାଇକୁଡି ସରପଞ୍ଚ ପ୍ରଜ୍ଞା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦୁଇଟି ପ୍ରକଳ୍ପ ପାଇଁ ୧ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପ ଦୁଇଟି କାର୍ଯ୍ୟକ୍ଷମ ହେଲେ ନାନବଣି, ଆଗତମଳା, ବଡ଼ାଣ ଗ୍ରାମର ୩ ହଜାରରୁ ଉର୍ଦ୍ଧ୍ୱ ଲୋକ ଶୁଦ୍ଧ ପାନୀୟଜଳ ପାଇପାରିବେ ବୋଲି ବିଧାୟକ ସାହୁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ନାଇକୁଡ଼ି ପଞ୍ଚାୟତର ସଭାପତି ବେଣୁଧର ମହାନ୍ତି, ସମାଜସେବୀ ଭାଗବତ ମହାନ୍ତି, ବଂଶୀଧର ମହାନ୍ତି, ବରିଷ୍ଠ ବିଜେଡି ନେତା ସୁଧାଂଶୁ ପ୍ରଧାନ, ଯୁବ ବିଜେଡି ସଭାପତି ଭୂପାଳ ଦାସ, ବସ୍ତା ବ୍ଲକ ବିଜେଡ଼ି ସାଧାରଣ ସମ୍ପାଦକ ସୁଦର୍ଶନ ଜେନା, ବାବୁଧର ଜେନା, ଝାଡ଼େଶ୍ୱର ବାରିକ, ଲକ୍ଷ୍ମୀଧର ଜେନା, ରବୀନ୍ଦ୍ର ପ୍ରମାଣିକ, ମୃତ୍ୟୁଞ୍ଜୟ ମଲ୍ଲିକ, ଦେବେନ୍ଦ୍ର ଜେନାଙ୍କ ସମେତ ବହୁ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ।

## ପଞ୍ଚାୟତ କମିଟି ଗଠନ ଲାଗି ପରାମର୍ଶ



ବୈଠକରେ ବିଜେଡି ନେତା ଓ କର୍ମୀ।

ଭଣ୍ଡାରିପୋଖରୀ, ୧୨।୮ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଷୋଳମପୁର ପଞ୍ଚାୟତ ମୁଢ଼ାପଦା ବୈଦନାଥ ମନ୍ଦିର ପ୍ରାଙ୍ଗଣରେ ପଞ୍ଚାୟତସ୍ତରୀୟ ବିଜେଡି ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ନେତା ଅରବିନ୍ଦ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବିଧାୟକଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଇଂ. ପ୍ରୟାସକାନ୍ତି ସାମଲ ଯୋଗଦେଇ ପଞ୍ଚାୟତର କର୍ମୀମାନଙ୍କ ସହ ସଙ୍ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପଞ୍ଚାୟତ ସ୍ତରୀୟ କମିଟି ଗଠନ ଲାଗି ସେ ପରାମର୍ଶ ଦେଇଥିଲେ। ପଞ୍ଚାୟତରେ ଦଳୀୟ ସାଙ୍ଗଠନିକ ସ୍ଥିତି ଉପରେ ବରିଷ୍ଠ କର୍ମୀଙ୍କଠାରୁ ସେ ବୁଝି ସମାଧାନ ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ଯାଜପୁର ପୌରପରିଷଦର ପୂର୍ବତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ତଥାଗତ ସାମଲ, ଭଦ୍ରକ ଜିଲା ଯୁବ ବିଜେଡି ସମ୍ପାଦକ ଉତ୍କଳ କେଶରୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତର ବିଭିନ୍ନ ୱାର୍ଡରୁ ଦଳୀୟ ନେତା ବିଦ୍ୟାଧର ଜେନା, ନରେନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ ନାୟକ, ସୁଶାନ୍ତ ବେହେରା, ସରୋଜ ବେହେରା, ଗଜେନ୍ଦ୍ର ଦାସ, ସୁରଥ ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଏହି ଅବସରରେ ଦୁଇ ପରିବାର ବିଜେଡିରେ ସାମିଲ ହୋଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ଚମ୍ପୁଆ, ୧୨।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆଠାରେ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୬ କୋଟି ୫୫ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବାରୁ ଚମ୍ପୁଆ ବିଜେଡି ଓ ସହରବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଚମ୍ପୁଆ ନଗର ବିଜେଡି ସଭାପତି ଗିରିଜା ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ମିନାକ୍ଷୀ ମହାନ୍ତ, ଜିଲା ବିଜେଡି ସଂଖ୍ୟାଲଘୁ ସଭାପତି ନେସାର ହାୟତ ପ୍ରମୁଖ ଯୋଗଦେଇ ଚମ୍ପୁଆ ଅଞ୍ଚଳର ଖେଳାଳିମାନେ ପାରିଦର୍ଶିତା ଦେଖାଇବାରେ ଏହା ସହାୟକ ହେବ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ରାଲି କରାଯାଇଥିଲା। ବ୍ଲକ ବିଜେଡି ସଭାପତି ଅଶୋକ ମହାନ୍ତ, ମହମ୍ମଦ ନାଙ୍କା, ମହମ୍ମଦ ଗୁଡ୍ଡୁ, ଚିତ୍ତରଞ୍ଜନ ମହାନ୍ତ, ହବି ଦାସ, ମହମ୍ମଦ ବଡକୁ, ସୁକାନ୍ତ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୟାସ୍ କ୍ଷତିଗ୍ରସ୍ତଙ୍କୁ ପଲିଥିନ ନ ମିଳିଲେ ତହସିଲ ଘେରିବ କଂଗ୍ରେସ

ବାଲିଆପାଳ, ୧୨।୮(ସ୍ୱ.ପ୍ର.)

ୟାସ୍ କ୍ଷତିଗ୍ରସ୍ତଙ୍କୁ ପଲିଥିନ ନ ମିଳିଲେ କଂଗ୍ରେସ ବାଲିଆପାଳ ତହସିଲକୁ ଘେରାଉ କରିବ ବୋଲି ବାଲିଆପାଳ ପଞ୍ଚାୟତ ସମିତି ଅଧକ୍ଷ ତଥା ବାଲିଆପାଳ କଂଗ୍ରେସ ନେତା ବିଜନ ନାୟକ ଗୁରୁବାର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

ବାତ୍ୟାକୁ ୩ମାସ ପୂରିବାକୁ ବସିଲାଣି ହେଲେ ବର୍ତ୍ତମାନ ସୁଦ୍ଧା ବାଲିଆପାଳ ବ୍ଲକରେ ସମସ୍ତ କ୍ଷତିଗ୍ରସ୍ତ ଖଣ୍ଡିଏ ପଲିଥିନ୍ ପାଇପାରିନାହାନ୍ତି। ତହସିଲ ତରଫରୁ ପଲିଥିନ୍ ଦେବାର ଦିନ ବାର ସମୟ ଧାର୍ଯ୍ୟ ହୋଇ ୬ଟି ପଞ୍ଚାୟତରେ ପଲିଥିନ୍ ବଣ୍ଟାଯିବା ପରେ ବଣ୍ଟନ କାର୍ଯ୍ୟ ବନ୍ଦ କରିଦିଆଯାଇଛି। ତହସିଲଦାରଙ୍କୁ ଏ ବିଷୟରେ ପଚାରିବାରୁ ଷ୍ଟକ ନାହିଁ, ଉଚ୍ଚପଦସ୍ଥ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛୁ, ଷ୍ଟକ ଆସିଲେ ଦେବୁ ବୋଲି କହି ତିନିମାସ ବିତିବାକୁ ବସିଲାଣି ବୋଲି ନାୟକ ଉଲ୍ଲେଖ କରିବା ସହିତ ବହୁ ପଞ୍ଚାୟତର କ୍ଷତିଗ୍ରସ୍ତ ଲୋକମାନେ ଆଜିଯାଏଁ ପଲିଥିନ୍ ପାଇନାହାନ୍ତି କିମ୍ବା ଘର ଭଙ୍ଗା ଟଙ୍କା ମଧ୍ୟ ପାଇନାହାନ୍ତି। ବର୍ଷା ସମୟରେ ଘରେ ଖଣ୍ଡିଏ ପଲିଥିନ୍ ପକାଇବାକୁ ନ ପାଇ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ନାୟକ ଜିଲାପାଳଙ୍କୁ ଅବଗତ କରିଛନ୍ତି। ଆଗାମୀ ଦିନରେ ଏହାର ପ୍ରତିକାର କରା ନ ଗଲେ କଂଗ୍ରେସ ପକ୍ଷରୁ ବାଲିଆପାଳ ତହସିଲକୁ ଘେରାଉ କରାଯିବା ନେଇ ନାୟକ ପ୍ରେସବିବୃତି ମାଧ୍ୟମରେ ଚେତାବନୀ ଦେଇଛନ୍ତି।

## 'ସରକାରୀ ନିୟନ୍ତ୍ରଣକୁ ନିଆଯାଉ ଭଦ୍ରକ ଆଇନ ମହାବିଦ୍ୟାଳୟ'

ଭଦ୍ରକ ଅଫିସ,୧୨।୮

ଭଦ୍ରକ ଜିଲାରେ ଆବଶ୍ୟକତା ଅନୁଯାୟୀ ୧୮୬୦ରେ କୋରକରାଠାରେ ଆଇନ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଉକ୍ତ କଲେଜର ପରିଚାଳନାଗତ ସମସ୍ୟାକୁ ନେଇ ଏବେ ପ୍ରଶ୍ନ ଉଠିଛି। ରାଜ୍ୟ ଶିକ୍ଷା ଆଇନର ୧୯୬୯ ଦ୍ୱାରା ଅନୁମୋଦିତ ହୋଇ କାର୍ଯ୍ୟକାରୀ କରି ଆସୁଛି। ଏହି କଲେଜ ମାଧ୍ୟମରେ ଅନେକ ଛାତ୍ର ଆଇନ କୃତକାର୍ଯ୍ୟ ହୋଇ ଜିଲା ଏବଂ ଜିଲା ବାହାରେ ଆଇନଜୀବୀ ଭାବେ କାର୍ଯ୍ୟ କରିବାରେ ସୌଭାଗ୍ୟ ଲାଭ କରିଛନ୍ତି। କଲେଜର ବାଇ ଲ' ଅନୁଯାୟୀ ପରିଚାଳନା ପାଇଁ ଏକ ୧୫ ଜଣିଆ କମିଟି ଗଠନ କରାଯାଇଥିଲା। କିନ୍ତୁ ୨୦୧୯ ମେ' ୧ରେ ଉକ୍ତ କମିଟି ସଭାପତି ଡା. ଗୋବିନ୍ଦ ପ୍ରସାଦ ମହାପାତ୍ରଙ୍କ ଦେହାନ୍ତ ପରେ ପରିଚାଳନାରେ ବ୍ୟତିକ୍ରମ ଦେଖାଦେଇଛି। ବରିଷ୍ଠ ସଦସ୍ୟ ଅଶୋକ କୁମାର ନାୟକ, ଭଦ୍ରକ ଓକିଲ ସଂଘର ସମ୍ପାଦକ ଜିତେନ୍ଦ୍ର ପଣ୍ଡା, ଆଇନଜୀବୀ ପବନ ଶର୍ମା, ରାଧା ଦାସ, ଦୁର୍ଗା ପ୍ରସନ୍ନ ରାୟ ମହାପାତ୍ର, ସୁମନ ମହାପାତ୍ର ଓ ନିତ୍ୟାନନ୍ଦ ନାୟକଙ୍କ ବହୁ ପରିଚାଳନା କମିଟି ସଭ୍ୟ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଏହି କଲେଜକୁ ସରକାରୀ ନିୟନ୍ତ୍ରଣକୁ ନିଆଯାଉ ବୋଲି ଦାବି କରିଛନ୍ତି।

## ରୀତାଞ୍ଜଳି ଜିଲା ମହିଳା ବିଜେଡି ସମ୍ପାଦିକା

ଭଣ୍ଡାରିପୋଖରୀ, ୧୨।୮ (ଡି.ଏନ.ଏ.)

ଭଦ୍ରକ ଜିଲା ବିଜେଡି ମହିଳା ସଙ୍ଗଠନର ସମ୍ପାଦିକା ଭାବେ ଭଣ୍ଡାରିପୋଖରୀ ବ୍ଲକ ମାଳଦା ସରପଞ୍ଚ ରୀତାଞ୍ଜଳି ସାମଲଙ୍କୁ ମନୋନୀତ କରାଯାଇଛି। ଏହି ନିଯୁକ୍ତି ପାଇଁ ସେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲା ପରିଷଦ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ମହାନ୍ତି, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପ୍ରୟାସକାନ୍ତି ସାମଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ୨ ହଜାର ଗଛ ବାଣ୍ଟି ଜନ୍ମତିଥି ପାଳିଲେ

ଖଇରା, ୧୨।୮(ଡି.ଏନ.ଏ.)



ବାଟୋଇମାନଙ୍କୁ ଗଛ ବଣ୍ଟାଯାଉଛି।

ଓଡିଶା ବିଧାନସଭାର ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ଦାସଙ୍କ ୧୩୭ତମ ପବିତ୍ର ଜନ୍ମତିଥି ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ପାର୍ବତୀପୁର ଗ୍ରାମରେ ଗୁରୁବାର ପାଳିତ ହୋଇଯାଇଛି । ସ୍ମୃତି କମିଟି ସଭାପତି ଉମେଶ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟ ଆୟୋଜିତ ସଭାରେ ପ୍ରଥମେ ଅତିଥିମାନଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ସ୍ୱର୍ଗତ ଦାସଙ୍କ ଅଣନାତି, ସ୍ମୃତିକମିଟିର ସମ୍ପାଦକ ତଥା ଭାଜପା ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକ ଗ୍ରାମବାସୀ ତଥା ସୋର-କୁପାରୀ ରାସ୍ତାର ଗଣ୍ଡିବେଡଠାରେ ବାଟୋଇମାନଙ୍କୁ ୨ହଜାରରୁ ଉର୍ଦ୍ଧ୍ୱ ଗଛ ବଣ୍ଟନ କରାଯାଇଥିଲା । ଏଥିସହ ସ୍ମୃତି କମିଟିର ଉପସଭାପତି ବୁଦ୍ଧିରାମ ପାଣିଗ୍ରାହୀଙ୍କ ସମସ୍ତ ପାର୍ବତୀପୁର ଗ୍ରାମବାସୀଙ୍କ ଦ୍ୱାରା ଗ୍ରାମରେ ବୃକ୍ଷରୋପଣ କରାଯାଇଛି। ସ୍ୱର୍ଗତ ବାଚସ୍ପତି ଜଣେ ପରିବେଶପ୍ରେମୀ ହୋଇଥିବାରୁ ଏଭଳି ଚାରା ବଣ୍ଟନ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ଅଣନାତି ଠାକୁର ଦାସ କହିଛନ୍ତି ।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହାୟକ ଉପକରଣ

ବାରିପଦା ଅଫିସ,୧୨।୮

ସମଗ୍ର ଶିକ୍ଷା ଅଭିଯାନ ଓ ରାଷ୍ଟ୍ରୀୟ ବୌଦ୍ଧିକ ଦିବ୍ୟାଙ୍ଗନ ସଶକ୍ତୀକରଣ ସଂସ୍ଥା ଆନୁକୂଲ୍ୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଓ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ବିନୀତ ଭରଦ୍ୱାଜ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଓ ସହାୟକ ଉପକରଣ ବଣ୍ଟନ କରି ଏହାର ଯତ୍ନ ଓ ବ୍ୟବହାର ସମ୍ପର୍କରେ ସଚେତନ କରିଥିଲେ। ଜିଲା ପ୍ରକଳ୍ପ ସଂଯୋଜକ ପ୍ରଦୋଷ ନାଏକ, ସଶକ୍ତୀକରଣ ସଂସ୍ଥା କୋଲକାତାର ସ୍ୱତନ୍ତ୍ର ଶିକ୍ଷାର ଅଧାପକ ପ୍ରେମ କୁମାର ଓ ପରିମଳ ବେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ସ୍କୁଲରେ ପଢୁଥିବା ୬୪ଜଣ ବୌଦ୍ଧିକ ଅସାମର୍ଥ୍ୟ ପିଲାଙ୍କୁ ଶିକ୍ଷା ଉପକରଣ ଓ ୩୩ଜଣ ମସ୍ତିଷ୍କ ପକ୍ଷାଘାତ ଥିବା ପିଲାଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ଜିଲା ଭିନ୍ନକ୍ଷମ ଓ ଗଣମାଧ୍ୟମ ସଂଯୋଜକ ନିରଞ୍ଜନ ନାୟକ ପୌରୋହିତ୍ୟ କରିଥିବା ବେଳେ ପ୍ରଦୀପ କୁମାର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ରେଖାରାଣୀ ଦାସ, ସୋନାଲିକା ନାୟକ ଓ ବୀରେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଜିଲାପାଳ ବିନୀତ ଭରଦ୍ୱାଜ ପିଲାଙ୍କୁ ଉପକରଣ ବଣ୍ଟନ କରୁଛନ୍ତି।

## ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆ ନ ଗଲେ ଆନ୍ଦୋଳନ

### ଭଦ୍ରକ କଲେଜ ପୁରାତନ ଛାତ୍ର ସଂସଦର ନିଷ୍ପତ୍ତି

ଭଦ୍ରକ ଅଫିସ,୧୨।୮




ବୈଠକରେ ଉପସ୍ଥିତ ପୁରାତନ ଛାତ୍ରମାନେ ଆଲୋଚନା କରୁଛନ୍ତି।

ଐତିହ୍ୟ ସମ୍ପନ୍ନ ଭଦ୍ରକ କଲେଜକୁ ତୁରନ୍ତ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆ ନ ଗଲେ ପୁରାତନ ଛାତ୍ରସଂସଦ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବ। କଲେଜର ରସାୟନ ବିଜ୍ଞାନ କନ୍‌ଫରେନ୍ସ ହଲ୍‌ରେ ପୁରାତନ ଛାତ୍ରସଂସଦ ପକ୍ଷରୁ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ କଲେଜର ସର୍ବାଙ୍ଗୀନ ଉନ୍ନତି ବିଷୟରେ ଆଲୋଚନା ହୋଇଥିଲା। ସେହିପରି ବିଶ୍ୱବିଦ୍ୟାଳୟ ହେବା ପାଇଁ ଆସନ୍ତା ବର୍ଷ ଆସିବାକୁ ଥିବା ନାକ୍ ଟିମ୍‌କୁ ସହଯୋଗ କରିବା ଲାଗି ସମ୍ପାଦକ ଅଜୟ ନାୟକ ମତ ରଖିଥିଲେ। ହୀରକ ଜୟନ୍ତୀ ଉତ୍ସବ ଅଭ୍ୟର୍ଥନା କମିଟିର ଅଧକ୍ଷ ଭାବେ ବିଧାୟକ ସଞ୍ଜୀବ ମଲ୍ଲିକ ରହିବା ପାଇଁ ସର୍ବସମ୍ମତ ମତପ୍ରକାଶ ପାଇଥିଲା। ହୀରକ ଜୟନ୍ତୀ ପାଳନ ପ୍ରସ୍ତୁତି ଆରମ୍ଭ ହୋଇଥିବାରୁ କଲେଜ ଅଧକ୍ଷ ଡ. ଉମାକାନ୍ତ ସାହୁ ସହାୟତା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପୁରାତନ ଛାତ୍ରସଂସଦ ସଭାପତି ପ୍ରଫେସର ଦେବେନ୍ଦ୍ର ନାଥ ରାଉତ ବୈଠକରେ ସଭାପତିତ୍ୱ କରିଥିଲେ। ପୂର୍ବତନ ଅଧକ୍ଷ ଶୈଳେନ୍ଦ୍ର ମହାପାତ୍ର, ପ୍ରଫେସର ବଳରାମ ମିଶ୍ର, ଡ. ରାଧାବିନୋଦ ନାୟକ, ପୁରାତନ ଛାତ୍ର ଆଇନଜୀବୀ ପବନ ଶର୍ମା, ସାହିତ୍ୟିକ ଅଭୟ ଦ୍ୱିବେଦୀ, ଶିକ୍ଷୟିତ୍ରୀ ଚାରୁଲତା ମହାପାତ୍ର, ବିଜୟ ସାହୁ, ହରମୋହନ ଜେନା ପ୍ରମୁଖ ମତାମତ ରଖିଥିଲେ। ପୁରାତନ ଛାତ୍ର ଅମରେନ୍ଦ୍ର ବିଶ୍ୱାଳ, ଅଧିବକ୍ତା ସରୋଜ ତପନ ଦାସ, ରାଧା ଦାସ, ଗଦାଧର ବଳ, ସରୋଜ ଦାସ, ପଦ୍ମନ ରାୟ, ପ୍ରାଧାପକ ଅଭୟ ଦାସ, ଗୋକୁଳାନନ୍ଦ ମହାନ୍ତି, ରମାକାନ୍ତ ଲେଙ୍କା, ଭାଗବତ ତ୍ରିପାଠୀ, ରୂପକ ବିହାରୀ ରାୟ, ରାକେଶ ପଣ୍ଡା, ଚର୍ଚ୍ଚିକା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତ ଅଫିସରେ ତାଲା

କେନ୍ଦୁଝର, (ସ୍ୱ.ପ୍ର.): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଡିମ୍ବୋ ପଞ୍ଚାୟତକୁ ଚାଉଳ ନେବାକୁ ଆସିଥିବା ହିତାଧିକାରୀ ମାନେ ଚାଉଳ ନ ପାଇ ହଟହଟା ହୋଇଛନ୍ତି। ସକାଳ ୬ଟାରେ ହିତାଧିକାରୀମାନେ ଲାଇନ୍‌ରେ ଠିଆ ହୋଇ ଅପେକ୍ଷା କରିଥିଲେ ହେଁ ସନ୍ଧ୍ୟା ସୁଦ୍ଧା କେହି ନ ଆସିବାରୁ ପଞ୍ଚାୟତ ଅଫିସରେ ତାଲା ପକାଇ ଚାଲିଯାଇଥିବା ଜଣା ପଡିଛି। ଏପରିକି ସରପଞ୍ଚଙ୍କୁ ମଧ ହିତାଧିକାରୀ ମାନେ ଡାକି ଥିଲେ ହେଁ ନ ଆସିବାରୁ ତାଲା ପକାଇ ଦେଇଥିବା ହିତାଧିକାରୀ କହିଛନ୍ତି।



## ସଂକ୍ଷେପରେ

### ଆବର୍ଜନାରେ ଭର୍ତ୍ତି ଜୁଡ଼ିଆ ଘାଟି

କେନ୍ଦୁଝର, ୧୨।୮(ସ୍ୱ.ପ୍ର.): କେନ୍ଦୁଝର ସହର ସୀମା ଜୁଡ଼ିଆ ଘାଟିରେ ସହରର ମଇଳା ଆବର୍ଜନା ଫୋପଡା ଯାଉଥିବାରୁ ପରିବେଶ ନଷ୍ଟ ହେବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ହାନୀ ଘଟୁଛି। ଏହା ନିକଟରେ ବନ ବିଭାଗ, ପୋଲିସ ବିଭାଗର ଗେଷ୍ଟ ହାଉସ ଥିବା ବେଳେ ପାନ୍ଥ ନିବାସ, କେନ୍ଦୁପତ୍ର ଡିଭିଜନ ଅଫିସ ରହିଥିବା ବେଳେ କିଛି ଦୂରରେ ଜୁଡ଼ିଆ ଫାର୍ମ ରହିଛି। ଫଳରେ ପରିବେଶ ଦୂଷିତ ହେବା ସହ ଦୁର୍ଗନ୍ଧମୟ ପରିସ୍ଥିତି ସୃଷ୍ଟି କରୁଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ମମତା ଯାଦବ ମହାସଭାର ସଭାନେତ୍ରୀ

କେନ୍ଦୁଝର, ୧୨।୮(ସ୍ୱ.ପ୍ର.): ଉତ୍କଳ ଯାଦବ ମହାସଭାର ରାଜ୍ୟ ସଭାପତି ଆଶୀର୍ବାଦ ବେହେରାଙ୍କ ଅନୁମୋଦନ କ୍ରମେ ଉତ୍କଳ ଯାଦବ ମହାସଭାର ରାଜ୍ୟ ମହିଳା ଶାଖା ସଭାନେତ୍ରୀ ଗୀତାରଣୀ ଦାସ କେନ୍ଦୁଝର ଜିଲା ଯାଦବ ମହିଳା ଶାଖାର ସଭାନେତ୍ରୀ ଭାବେ ମମତା ସିଂଙ୍କୁ ଚୟନ କରିଛନ୍ତି। ଏହା ପୂର୍ବରୁ ସେ ବିଭିନ୍ନ ସାମାଜିକ ସଙ୍ଗଠନ ସହ ଜଡିତ ରହିଥିବା ବେଳେ ବର୍ତ୍ତମାନ ଭାଜପାର ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି । ଆଗକୁ ଯାଦବ ମହିଳା ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରିବେ ବୋଲି କହିଛନ୍ତି।

### ମୋ ସ୍କୁଲ ଅଭିଯାନରେ ଲକ୍ଷେ ଟଙ୍କା ସହାୟତା

ସଜନାଗଡ଼, ୧୨।୮(ଡି.ଏନ.ଏ.)-'ମୋ ସ୍କୁଲ ଅଭିଯାନ' ବ୍ୟବସ୍ଥାରେ ଅନୁପ୍ରାଣିତ ହୋଇ ନୀଳଗିରି କୈଳାସ ଚନ୍ଦ୍ର ଉଚ୍ଚବିଦ୍ୟାଳୟକୁ ପୁରାତନ ଛାତ୍ରୀଛାତ୍ର ୧ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଧୋବଶିଳା ଗ୍ରାମର ଭଗୀରଥ ନାୟକ, ସ୍ତ୍ରୀ ବାସନ୍ତୀ ରାଉତଙ୍କ ୨ଟି କନ୍ୟା ଭାବିଲିତା ନାୟକ, ସାନଝିଅ ଈପସିତା ନାୟକ ଓ ପୁଅ ସୌରଭ ନାୟକ ବିଦ୍ୟାଳୟର ଉନ୍ନତି ସକାଶେ ୧ ଲକ୍ଷ ଟଙ୍କା ଦାନ କରିଛନ୍ତି । ଅଷ୍ଟ୍ରେଲିଆରେ ଚାକିରି କରିଥିବା ଈପସିତା ନାୟକ କେସି ହାଇସ୍କୁଲରୁ ୧୯୯୯ରେ ଛାତ୍ରୀ ଥିବାବେଳେ ବଡ଼ଭଉଣୀ ଭାବିଲିତା ନାୟକ ୧୯୯୫ ଏବଂ ସୌରଭ ନାୟକ ୨୦୦୬ରେ ଛାତ୍ର ଥିଲେ । ୩ଜଣ ମିଶି ୧ଲକ୍ଷ ଟଙ୍କାର ଅନୁଦାନ ରାଶି ସ୍କୁଲ ଆକାଉଣ୍ଟକୁ ପଠାଇଛନ୍ତି।

### ପୋଲରେ ପିଟି ହେଲା ଟ୍ରକ, ଡ୍ରାଇଭର ଗୁରୁତର

ବାହାନଗା, ୧୨।୮(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ ନମ୍ବର ଜାତୀୟ ରାଜପଥର ପଣପଣାସ୍ଥିତ ନୂଆପଡା ଡାଇଭର୍ଶନଠାରେ ବୁଧବାର ବିଳମ୍ବିତ ରାତିରେ ଏକ ଟ୍ରକ ଭାରସାମ୍ୟ ହରାଇ ଏକ ପୋଲକୁ ଧକ୍କା ଦେଇଥିଲା। ଫଳରେ ଡ୍ରାଇଭର ଚାପି ହୋଇ ଗୁରୁତର ହୋଇପଡିଥିଲେ। ବାହାନଗାସ୍ଥିତ ଷଠୀ ଦମକଳକେନ୍ଦ୍ର ଓ ସୋର ଦମକଳ କେନ୍ଦ୍ର କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଟ୍ରକ ଭିତରୁ ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ପ୍ୟାନେଲ ଅଧିବକ୍ତାଙ୍କ ଦୁଇଦିନିଆ ତାଲିମ

କେନ୍ଦୁଝର, ୧୨।୮(ଡି.ଏନ୍.ଏ.): ଜିଲା ଆଇନ ସେବା ପ୍ରାଧୀକରଣ, କେନ୍ଦୁଝରର ପ୍ୟାନେଲ ଅଧିବକ୍ତାଙ୍କର ଦୁଇଦିନିଆ ରିଫ୍ରେସର ତାଲିମ ଶିବିର ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧୀକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ବେଣୁଧର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମକୁ ପାତ୍ର ଉଦ୍‌ଘାଟନ କରିବା ସହିତ ଏସ୍‌ସି/ଏସ୍‌ଟି ଆକ୍ଟ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ।

### ରଗ୍‌ବି ବାଳିକା ଖେଳାଳିଙ୍କୁ ସମ୍ବର୍ଦ୍ଧନା

ଠାକୁରମୁଣ୍ଡା,୧୨।୮(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଚମ୍ପାଝରସ୍ଥିତ ଫ୍ୟୁଚର୍ ଷ୍ଟାର ସ୍ପୋର୍ଟସ ଏକାଡେମୀ ପକ୍ଷରୁ ୪ ବାଳିକା ରଗବି ଖେଳାଳିଙ୍କୁ ଗୁରୁବାର ସମ୍ବର୍ଦ୍ଧନା ଦିଆଯାଇଛି। ଦିବ୍ୟ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧକ୍ଷା ଜବମଣି ଟୁଡୁ, ସମ୍ମାନିତ ଅତିଥି ଦେବ ପ୍ରସାଦ ସେଠୀ, ଶିକ୍ଷକ ହାର୍ଦ୍ଦିକ ପଣ୍ଡା, ସମାଜ ସେବୀ ଘନଶ୍ୟାମ ମହାନ୍ତ, ଅନ୍ତର୍ଜାତୀୟ ଖେଳାଳି ଗୌରାଙ୍ଗ ଜାମୁଦା ଉପସ୍ଥିତ ଥିଲେ। ରଗବି ଖେଳାଳି ଆରତୀ ମୁର୍ମୁ, ସାରଥୀ ହାଁସଦା, ପୁଲକ ମଞ୍ଜରୀ ମହାନ୍ତ, ପାର୍ବତୀ ହାଁସଦା ଉପସ୍ଥିତ ଥିଲେ। ଆସନ୍ତା ୧୩ ତାରିଖରେ ଏହି ୪ ଖେଳାଳି ଭୁବନେଶର ଯାଇ ତାଲିମ ନେବେ ଓ ମନୋନୀତ ହେବା ପରେ ଏସିଆ ମହାଦେଶର ଉଜବେକିସ୍ଥାନ ଖେଳିବାକୁ ଯିବେ ବୋଲି ସୂଚନା ମିଳିଛି।

# ସବ୍‌ଡିଭିଜନ ମାନ୍ୟତା ଦାବି ତେଜିଲା

ଯାଜପୁର ରୋଡ,୧୨।୮(ଡି.ଏନ.ଏ.)

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରକୁ ସବ୍‌ଡିଭିଜନ ମାନ୍ୟତା ଦାବି ତେଜିଲା। ଗୁରୁବାର ଏହିମର୍ମରେ ବ୍ୟାସନଗର ମିଳିତ ଗଣ ସଂଗ୍ରାମ ସିମିତି ପକ୍ଷରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ବ୍ୟାସନଗରକୁ ସବ ଡିଭିଜନ ମାନ୍ୟତା, ଏଡିଜେ କୋର୍ଟ, ସ୍ୱତନ୍ତ୍ର ହସ୍ପିଟାଲ, ବସ୍ତି ବାସିନ୍ଦାମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ, ଫ୍ଲାଏ ଓଭର ବ୍ରିଜ ନିର୍ମାଣ, ସମସ୍ତ ଦ୍ରୁତଗାମୀ ଟ୍ରେନର ରହଣି, ଅର୍ବାନ ଏମ୍ପ୍ଲୋମେଣ୍ଟ ଗ୍ୟାରେଣ୍ଟି ଯୋଜନାରେ ବ୍ୟାସନଗରର ବେକାରୀ ଯୁବତୀଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଉ । ଏହି ଅବସରରେ ସେଠାରେ ବ୍ୟାସନଗର ସହର ପ୍ରତି ଦେଖାଯାଇଥିବା ବୈମାତୃକ ମନୋଭାବ ଓ ଉଦାସୀନତା ପ୍ରତିବାଦରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଅଣ ସଙ୍ଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଶ୍ରମିକ ନେତା ପ୍ରଫୁଲ୍ଲ ନାୟକ, ଅଭିମନ୍ୟୁ ମିଶ୍ର, ବିଜୟ କୁମାର ବୋଇତାଇ, ପରମାନନ୍ଦ ସେଠୀ, ପରୀକ୍ଷିତ ମଲ୍ଲିକ, ସୂର୍ଯ୍ୟପ୍ରକାଶ କୁଅଁର, ବେବିନା ଜେନା, ଲାଳମଣୀ ମୁଣ୍ଡା, ଶେଖ୍ ଇମତାଜ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ୨୦୧୮ ଜୁଲାଇରେ ମୁଖ୍ୟମନ୍ତ୍ରୀଙ୍କ ୫ ସବ୍‌ଡିଭିଜନ ଘୋଷଣା ମଧ୍ୟରେ ବ୍ୟାସନଗର ଥିଲା । ହେଲେ ଏଯାବତ କିଛି ସୁଫଳ ମିଳି ନାହିଁ। ଯଦି ସରକାର ଏହିପ୍ରତି କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ସଂଗ୍ରାମ ସମିତି ଆଗାମୀ ଦିନରେ ବ୍ୟାପକ ଗଣ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦିଆଯାଇଛି।


ବ୍ୟାସନଗରକୁ ସବ୍‌ଡିଭିଜନ ମାନ୍ୟତା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଅଶନବଣିରେ ବିଶ୍ୱ ହସ୍ତୀ ଦିବସ

ବାରିପଦା ଅଫିସ,୧୨।୮

ମୟୂରଭଞ୍ଜ ଜିଲା ବେତନଟୀ ବନବିଭାଗ ପକ୍ଷରୁ ଅଶନବଣିଠାରେ ଗୁରୁବାର ବିଶ୍ୱ ହସ୍ତୀଦିବସ ପାଳିତ ହୋଇଯାଇଛି। ରେଞ୍ଜର ଘନଶ୍ୟାମ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ବିବେକାନନ୍ଦ ପଟ୍ଟନାୟକ, ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ବନଖଣ୍ଡର ସହକାରୀ ବନସଂରକ୍ଷକ ଦିଲ୍ଲୀପ କୁମାର ବାରିକ, ମୁଖ୍ୟବକ୍ତା ଦେଉଳୀ ରେଞ୍ଜର ରବିନାରାୟଣ ମହାନ୍ତି, ଦୁର୍ଗାପୁର ସରପଞ୍ଚ ରାମେଶ୍ୱର ସୋରେନ, ରାସଗୋବିନ୍ଦପୁର ରେଞ୍ଜର ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଖାଦ୍ୟ ଅନ୍ୱେଷଣରେ ହାତୀପଲ ଜନବସତିମୁହାଁ ହେଉଥିବା ବେଳେ ହାତୀମାନଙ୍କୁ ଟେକା, ପଥର ଫିଙ୍ଗି ଏବଂ ବାଣ ଫୁଟାଇ ଉତ୍ତେଜିତ ନ କରିବାକୁ ଉପସ୍ଥିତ ଅଶନବଣି ବନସୁରକ୍ଷା ସମିତିର କର୍ମକର୍ତ୍ତା ଓ ଗ୍ରାମବାସୀଙ୍କୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ବନପାଳ ସୁଶାନ୍ତ ବାଗ୍, ପଦ୍ମାବତୀ ବେହେରାଙ୍କ ସମେତ ବନରକ୍ଷୀ ଏବଂ ପାରାବନକର୍ମଚାରୀମାନେ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। କେସିପୁର ବନପାଳ ପ୍ରଶାନ୍ତ ସିଂସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।


ହସ୍ତୀ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିଗଣ।

## 'ସୌରଶକ୍ତିରେ ପରିଚାଳିତ ହେବ ଗ୍ରାମାଞ୍ଚଳ ଜଳଯୋଗାଣ ପ୍ରକଳ୍ପ'

ବାଲେଶ୍ୱର ଅଫିସ, ୧୨।୮

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦ୍ୱାରା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂସ୍ଥାନ ମାଧ୍ୟମରେ ଗ୍ରାମାଞ୍ଚଳ ଜଳଯୋଗାଣ ପାଇଁ ଜଳ ଜୀବନ ମିଶନ/ ବସୁଧା/ ଆର୍‌ଆଇଡିଏଫ୍/ ଓଏମ୍‌ବିଏଡ଼ିସି ଏବଂ ଡିଏମ୍‌ଏଫ୍ ପାଣ୍ଠିରୁ ବିଭିନ୍ନ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଭବିଷ୍ୟତରେ ଏସବୁ ପ୍ରକଳ୍ପକୁ ସୌରଶକ୍ତି ମାଧ୍ୟମରେ ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ ବାଲେଶ୍ୱର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ମଣ୍ଡଳ ପକ୍ଷରୁ ଗୁରୁବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା।

ଏହି କର୍ମଶାଳା ୟୁନିସେଫ୍ ସହାୟତାରେ ନିଯୁକ୍ତ ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଆନନ୍ଦପୁର, ବାରିପଦା ଓ ରାଇରଙ୍ଗପୁର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡର ସମସ୍ତ ଯନ୍ତ୍ରୀ ଯୋଗ ଦେଇଥିଲେ। ଜଳଯୋଗାଣ ପ୍ରକଳ୍ପରେ ସୌର ଶକ୍ତିର ପ୍ରୟୋଗ, ପରିଚାଳନା ତଥା ରକ୍ଷଣାବେକ୍ଷଣ ସମ୍ବନ୍ଧରେ ସବିଶେଷ ବୈଷୟିକ ଜ୍ଞାନକୌଶଳ ଉପରେ କର୍ମଶାଳାରେ ପ୍ରଶିକ୍ଷଣ ଦିଆଯାଇଥିଲା।



କର୍ମଶାଳାରେ ମଞ୍ଚାସୀନ ଅତିଥି।

## ଜାତୀୟ ହସ୍ତତନ୍ତ ଦିବସ

ଜଳେଶ୍ୱର, ୧୨।୮(ଡି.ଏନ୍.ଏ.)

ଓଡିଶାର ବିଭିନ୍ନ ସ୍ଥାନରେ କୋଭିଡ୍ ଗାଇଡଲାଇନ୍ ଅନୁସାରେ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି । ନାବାର୍ଡ ଓଡିଶା ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ମାକିଡିଆ ଗାଁରେ ବସବାସ କରୁଥିବା ଟସର ଶିଳ୍ପୀମାନଙ୍କୁ ନେଇ ଭର୍ଚୁଆଲ ମୋଡରେ ଏହା ପାଳିତ ହୋଇଥିଲା। ଏହାକୁ ବାଲେଶ୍ୱର ଜିଲା ନାବାର୍ଡର ମୁଖ୍ୟ ତାପସ କୁମାର ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ବାଲେଶ୍ୱର ଓ ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସମ୍ପାଦକ ନାରାୟଣ ଚନ୍ଦ୍ର ବଢେଇ ମୁଖ୍ୟଅତିଥି ଏବଂ ବାଲେଶ୍ୱର ଜିଲା ହାଣ୍ଡିକ୍ରାଫ୍ଟ ବିଭାଗର ଆଇପିଓ ଯୋଗୀ ଯୋଗେଶ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ବହୁ ଟସର ବୁଣାକାର ଅଂଶଗ୍ରହଣ କରିଥିଲେ।

## 'ଆର୍. ଶିବାଜୀ ରାଓ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ'

ଭଦ୍ରକ ଅଫିସ, ୧୨।୮

ଆର୍ ଶିବାଜୀ ରାଓ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ସେ ଏକାଧାରାରେ ସାହିତ୍ୟିକ, ଅନୁବାଦକ, ଚିକିତ୍ସକ, ସାମାଜିକ କର୍ମୀ ଥିଲେ। ଭଦ୍ରକ ମାଟି ତାଙ୍କୁ ସବୁବେଳେ ଝୁରୁଥିବ ବୋଲି ଭାଗବତ କଲ୍ୟାଣ ମଣ୍ଡପଠାରେ ଡା. ରାଓ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏଥିରେ ସଭାପତିତ୍ୱ କରିଥିଲେ ପଣ୍ଡିତ ଦୈତାରୀ ମହାପାତ୍ର। ଅନ୍ୟତମ ଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଡା. ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଖବରଦାତା ଦୁର୍ଗା ଶଙ୍କର ବିଶ୍ୱାଳ ଅତିଥି ପରିଚୟ ଓ ସାମାଜିକ କର୍ମୀ ରାଜଲକ୍ଷ୍ମୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ୱର୍ଗତ ରାଓଙ୍କ ପୁଅ ସତ୍ୟଭୂଷଣ ସ୍ୱାମୀଙ୍କ ସମ୍ପାଦକୀୟରେ ଏକ ସାପ୍ତାହିକ ଖବରକାଗଜ ଆମ ସମ୍ବାଦକୁ ବିଧାୟକ ମଲ୍ଲିକ ଉନ୍ମୋଚନ କରିଥିଲେ।

## ଅରୁଣ ଦେ'ଙ୍କ ଏକାଦଶାହରେ ରକ୍ତଦାନ ଶିବିର

ବାଲେଶ୍ୱର ଅଫିସ, ୧୨।୮

ବାଲେଶ୍ୱର ସହରସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଗୁରୁବାର ପୂର୍ବତନ ବିଧାୟକ ଅରୁଣ ଦେଙ୍କ ଏକାଦଶାହ ଉପଲକ୍ଷେ ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ ଓ ବିଜୁ ଜନତା ଦଳ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ୟୁନିଟ୍‌ରୁ ଉର୍ଦ୍ଧ୍ୱ ରକ୍ତ ସଂଗୃହୀତ ହୋଇଛି।

ବିଜେଡି ଜିଲା ସଭାପତି ତଥା ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ବିଧାୟକ ସ୍ୱରୂପ କୁମାର ଦାସ, ରାଜ୍ୟ ମହିଳା ବିଜୁ ଜନତା ଦଳ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଓ ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଉପସ୍ଥିତ ଥିଲେ। ଓଡ଼ିଶା ମୋ ପରିବାର ଜୀବନବିନ୍ଦୁର ସଂଯୋଜକ ସାହିରୁଲ ହକ୍ ଶିବିର ଆୟୋଜନ କରିଥିବା ବେଳେ ଯୁବ ବିଜେଡି ଜିଲା ସଭାପତି ତାପସ ପରିଡ଼ା, ଛାତ୍ର ବିଜେଡି ଜିଲା ସଭାପତି ସିମନ ଦାସମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରକ୍ତ ଭଣ୍ଡାର ଅଧିକାରୀ ଡା. ବସନ୍ତ ଉପାଧ୍ୟାୟ, ଡା. ପ୍ରଶାନ୍ତ ଦାସ ଓ ସମସ୍ତ କର୍ମଚାରୀ ରକ୍ତ ସଂଗ୍ରହରେ ସହାୟତା କରିଥିଲେ।


ଶିବିରରେ ରକ୍ତସଂଗ୍ରହ କରାଯାଉଛି।

## ରକ୍ତଦାନ ଶିବିର

ଭଦ୍ରକ ଅଫିସ, ୧୨।୮

ଭଦ୍ରକ ଜିଲା ସଦର ବ୍ଲକ ରାହାଞ୍ଜୀ ପଞ୍ଚାୟତର ଓଡ଼ିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରାହାଞ୍ଜୀ–ଅସୁରା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଜେଡି ଉପସଭାପତି ରାଜେନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଏହି ଶିବିରକୁ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟା ସୁକାନ୍ତି ନାୟକ, ରାହାଞ୍ଜୀ ସରପଞ୍ଚ ଉର୍ମିଳା ଜେନା, ସମିତିସଭ୍ୟ ଅଭୟ ଦାସ, ଜଗଦଳପୁରର ପୂର୍ବତନ ସରପଞ୍ଚ ବିଜୟ ମହାପାତ୍ର, ପୂର୍ବତନ ସଭାପତି ଜିତେନ୍ଦ୍ର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ବିସ୍ଥାପିତଙ୍କ ଥଇଥାନ ପାଇଁ ତତ୍ପରତା

ବାରିପଦା ଅଫିସ,୧୨।୮

ମୟୂରଭଞ୍ଜ ଜିଲା କରଞ୍ଜିଆଠାରେ ଥିବା ଦେଓ ଜଳସେଚନ ପ୍ରକଳ୍ପ ପାଇଁ ବିସ୍ଥାପିତ ପରିବାରକୁ ଥଇଥାନ କରିବା ଲାଗି ତ୍ୱରିତ ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ଉପଜିଲାପାଳ ଡ.ରଜନୀକାନ୍ତ ବିଶ୍ୱାଳ ଅସ୍ଥାୟୀ କଲୋନୀ ବାଟପୋଲଷା ଓ ପାଟୁଳିଡିହି ଗ୍ରାମକୁ ଯାଇ କାର୍ଯ୍ୟର ତଦାରଖ କରିବା ସହିତ ଅଗଷ୍ଟ ଶେଷ ସୁଦ୍ଧା କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପର ଦକ୍ଷିଣ ଓ ବାମ କେନାଲରେ ପାଣି ଛାଡ଼ିବା ପରେ ବାକି ଥିବା ପରିବାରକୁ ସ୍ଥାନାନ୍ତର କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିସ୍ଥାପିତ ପରିବାରଙ୍କୁ ଆଗୁଆ ପ୍ରାପ୍ୟ ଦେବାକୁ ଭୂଅର୍ଜନ ଅଧିକାରୀଙ୍କୁ କହିବା ସହିତ ସମସ୍ତଙ୍କୁ ବିଜୁ ପକ୍କା ଘର ଯୋଗାଇ ଦେବାକୁ ସ୍ଥାନୀୟ ବିଡିଓଙ୍କୁ କହିଛନ୍ତି। ସେହିପରି ଜମିପଟ୍ଟା ପ୍ରଦାନ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ବିସ୍ଥାପିତଙ୍କ ପାଇଁ ସମସ୍ତ ସୁବିଧା ଆଗୁଆ କରିବାକୁ ପରାମର୍ଶ ଦେଇଛନ୍ତି । ବିସ୍ଥାପିତଙ୍କୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇବା ସହ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗସ୍ତ ସମୟରେ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ, ଦେଓ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅନୀଲ ପାଣିଗ୍ରାହୀ, ମୁଖ୍ୟ ନିର୍ମାଣଯନ୍ତ୍ରୀ ଇଂ.ବାଦଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସାହାରପଡ଼ାରେ ଭାଜପା ବୈଠକ

ପାଟଣା,୧୨।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସାହାରପଡା ବ୍ଲକ ମୁଖ୍ୟାଳୟ ଠାରେ ଗୁରୁବାର ସମସ୍ତ ଭାଜପାର ପ୍ରତିଷ୍ଠାତା ତଥା ବରିଷ୍ଠ ସଦସ୍ୟଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଭାଜପାର ପୂର୍ବତନ ବ୍ଲକ ଅଧକ୍ଷ ଗୌତମ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ଅନୁପସ୍ଥିତିକୁ ନେଇ ନାନା କଥା ଶୁଣିବାକୁ ମିଳୁଛି। ଏଥିରେ ଆଗାମୀ ପଞ୍ଚାୟତ ନିର୍ବାଚନ ଓ ବିଧାନ ସଭା ନିର୍ବାଚନରେ ଅସନ୍ତୁଷ୍ଟ ବରିଷ୍ଠଙ୍କ ଭୂମିକା କିଭଳି ହେବ ସେନେଇ ରଣନୀତି ପ୍ରସ୍ତୁତ ହେବା ସହ ଆଲୋଚନା ହୋଇଥିଲା। ଏହି ବୈଠକରେ ପୂର୍ବତନ ବ୍ଲକ ସଭାପତି ଲାଲମୋହନ ନାଏକ, ବରିଷ୍ଠ ନେତା ହୀରା ଲାଲ ମହାନ୍ତ, ପୂର୍ବତନ ବ୍ଲକ ଉପାଧକ୍ଷା ନିରଞ୍ଜନ ସ୍ୱାଇଁ, ଜଗଦୀଶ ମହାନ୍ତ ପ୍ରମୁଖ ଶତାଧିକ ପୁରୁଖା ନେତା ଏକାଠି ହେବା ନେଇ ସାହାରପଡା ଭାଜପା ରାଜନୀତିର ଗୋଷ୍ଠୀକନ୍ଦଳକୁ ପଦାରେ ପକାଇଛି ବୋଲି ବିରୋଧୀ ଦଳ ପକ୍ଷରୁ କୁହାଯାଇଛି। ଏନେଇ ଜିଲା ଭାଜପା ସଭାପତି ଅଂଶୁମାନ ସବୁଜମହାନ୍ତ ବର୍ମାଙ୍କୁ ପଚାରିବାରୁ ଭାଜପା ପଦବୀରେ ଥିବା କୌଣସି ବ୍ୟକ୍ତି ସଭା ଡାକି ନାହାନ୍ତି। ଦଳର ବ୍ୟାନର ମଧ ସେମାନେ ବ୍ୟବହାର କରି ନାହାନ୍ତି। କେତେଜଣ ପୂର୍ବତନ କର୍ମକର୍ତ୍ତା ବନ୍ଧୁମିଳନ ନାଁରେ ଏକାଠି ହୋଇଥିଲେ।

## ଗୃହପାଳିତ ପ୍ରାଣୀଙ୍କ ଟିକାକରଣ ଆରମ୍ଭ

**ହାତୀ ମୃତ୍ୟୁ ପରେ ତତ୍ପରତା**

କେନ୍ଦୁଝର, ୧୨।୮(ସ୍ୱ.ପ୍ର.): କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ୍ ଅଞ୍ଚଳରେ ଗୁରୁବାର ଗୃହ ପାଳିତ ପ୍ରାଣୀଙ୍କ ପ୍ରତିଷେଧକ ମୂଳକ ଭାବେ ସାହାଣା ଟିକାକରଣ ଆରମ୍ଭ ହୋଇଛି। ୨୦ ଦିନ ମଧ୍ୟରେ ୪ଟି ହାତୀର ଅସ୍ୱାଭାବିକ ମୃତ୍ୟୁ ପରେ ବନବିଭାଗ ଟିମ୍ ତତ୍ପର ହୋଇଉଠିଛି। ଏଣୁ ଏହି ରୋଗ ସଂକ୍ରମଣ ଆଖପାଖ ଗ୍ରାମର ଗୃହପାଳିତ ପ୍ରାଣୀଙ୍କୁ ହେବା ଆଶଙ୍କା କରି ଏଭଳି ଟିକାକରଣ ଆରମ୍ଭ ହୋଇଛି। କେନ୍ଦୁଝର ଏଡିଭିଓ ଡ. ବିନୟ ଭୂଷଣ ମିଶ୍ର କହିଛନ୍ତି, ହାତୀ ମୃତ୍ୟୁର ଠିକ କାରଣ ଜଣାପଡିନାହିଁ। ସାମ୍ପଲ ଟେଷ୍ଟ ପାଇଁ ପଠାଯାଇଛି। ଆସିବା ପରେ ଜଣାପଡିବ। ତେବେ ବାଂଶପାଳ ବ୍ଲକର ବଡ ରଡୁଆଁ, ଚମ୍ପେଇ, ଜାମୁଡିହା ଆଦି ଗ୍ରାମରେ ଗୁରୁବାର ୮୫୨ ଗୋରୁଗାଈ, ଛେଳିମେଣ୍ଢାଙ୍କ ଭାକ୍ସିନେସନ କରାଯାଇଛି। ୫ଟି ଟିମ୍ ଏହି କାର୍ଯ୍ୟ କରିଥିବା ବେଳେ ଶୁକ୍ରବାର ୭ ଟି ଟିମ୍ ବାଂଶପାଳ ବ୍ଲକର ହାତୀଚଳପ୍ରଚଳ ଅଞ୍ଚଳରେ ଥିବା ୮୧ ଗ୍ରାମରେ ଟିକାକରଣ କରିବେ। ଏବେ ଉକ୍ତ ରେଞ୍ଜ୍‌ରେ ୧୮ ଟି ହାତୀ ବୁଲୁଥିବା ବେଳେ ସେମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଆରମ୍ଭ ହୋଇଥିବା ରେଞ୍ଜ ଅଫିସର ମାନସ ମୁର୍ମୁ କହିଛନ୍ତି।

## ମୋତିଆବିନ୍ଦୁ ଅସ୍ତ୍ରୋପଚାର

ବାଲେଶ୍ୱର ଅଫିସ, ୧୨।୮

ବାଲେଶ୍ୱର ରୋଟାରୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ବୁଧବାର ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଛି। ବାଲିଆପାଳ ଥାନା ବାଲିବିଲ ଅଞ୍ଚଳର ଜଳଧର ବେହେରାଙ୍କ ଝିଅ ଜୟଶ୍ରୀ ଏକ ଦୁର୍ଘଟଣାଜନିତ ମୋତିଆବିନ୍ଦୁ ହୋଇଥିଲା। ଦୀର୍ଘ ୨ବର୍ଷ ଧରି ଜଳଧର ବିଭିନ୍ନ ଘରୋଇ ହସ୍‌ପିଟାଲରେ ଚିକିତ୍ସା କରାଇବା ନେଇ ଚେଷ୍ଟା କରିଥିଲେ ହେଁ ଅର୍ଥ ବାଧକ ସାଜିଥିଲା। ଫଳରେ ଏହା ହୋଇପାରି ନ ଥିଲା। ଏ ସମ୍ପର୍କରେ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ସଭାପତି ମାତୃଦତ୍ତ ଦାସ ଜାଣିବା ପରେ ଏବଂ ଚକ୍ଷୁ ଚିକିତ୍ସାଳୟର ସୁଖମୟ ଦାସ, ଯଶୋଦା ନନ୍ଦନ ଆଶ, ସୁବ୍ରତ କର, ଦେବେନ୍ଦ୍ର ଧଳଙ୍କ ସହାୟତାରେ ଏକ ସଫଳ ଅସ୍ତ୍ରୋପଚାର କରାଯାଇଥିଲା। ଜୟଶ୍ରୀଙ୍କ ବୟସ ମାତ୍ର ୧୩ ବର୍ଷ ହୋଇଥିବାରୁ ଏହା ଏକ କଷ୍ଟସାଧ ଅସ୍ତ୍ରୋପଚାର ଥିଲା।



ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ହୋଇଥିବା ଜୟଶ୍ରୀ।

# ଆଖି ବୁଜିଲେ କିଡ୍‌ନୀ ଆକ୍ରାନ୍ତ ଶିଶିର

**ଅର୍ଥ ଅଭାବରୁ ହୋଇ ପାରିଲାନି ଚିକିତ୍ସା**

ରସୁଲପୁର,୧୨।୮(ଡି.ଏନ.ଏ.)

ରସୁଲପୁର ବ୍ଲକ୍ ଅଧୀନ ଓଡ଼ିଶୋ ପଞ୍ଚାୟତ ହାଟସିଂହାପୁର ଗ୍ରାମର ଲକ୍ଷ୍ମୀପ୍ରିୟା ସାମଲଙ୍କ ଉପରେ ଦୁଃଖର ପାହାଡ଼ ଖସି ପଡ଼ିଛି। ପ୍ରାୟ ୪ମାସ ତଳେ ସ୍ୱାମୀ ଭାସ୍କରଙ୍କୁ ହରାଇଥିଲେ। ସେହି ଦୁଃଖର ବ୍ୟଥାରେ ଉପଶମ ଲାଗି ନ ଥିବାବେଳେ ବୁଧବାର ରାତିରେ ତାଙ୍କ ବଡ଼ ପୁଅ ଶିଶିର ସାମଲ(୨୯) ଆଖି ବୁଜିଛନ୍ତି। ଉଭୟ ବାପପୁଅ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା କୁହାଯାଉଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳାଇ ଦେଇଛି। ଅର୍ଥାଭାବରୁ ଶିଶିରଙ୍କ କିଡ୍‌ନୀ ପ୍ରତ୍ୟାରୋପଣ ହୋଇ ପାରିଲାନି। ତେଣୁ ସେ ଆର ପାରିକୁ ଚାଲିଗଲେ ବୋଲି ପରିବାର ପକ୍ଷରୁ କୁହାଯାଉଛି। ସରକାର ଗରିବ ଲୋକଙ୍କ ଚିକିତ୍ସା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଶିଶିରଙ୍କୁ ଚିକିତ୍ସା ସୁବିଧା ନ ମିଳିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ମିଳିଥିବା ସୂଚନା ଅନୁସାରେ, ଶିଶିରଙ୍କ ପରିବାରରେ ଅଭାବ ଅନଟନ ଲାଗି ରହୁଥିଲା। ଘରର ବଡ଼ପୁଅ ହୋଇଥିବାରୁ ସେ ସୁଦୂର ଗୋଆରେ ଯାଇ ସିକ୍ୟୁରିଟି ଗାର୍ଡ କାମ କରୁଥିଲେ। କରୋନା ଯୋଗୁ ଗତବର୍ଷ ଘରକୁ ଫେରି ଆସିଥିଲେ। ଗାଁରେ ରହୁଥିବା ବେଳେ ଏଣେତେଣେ କାମଧନ୍ଦା କରୁଥିଲେ। ବାପାଙ୍କ ମୃତ୍ୟୁପରେ ସେ ମାନସିକ ଚାପରେ ରହି ଆସୁଥିଲେ। ୩ମାସ ତଳେ ଶିଶିରଙ୍କୁ ଜ୍ୱର ହୋଇଥିଲା। ସେ ଡାକ୍ତରୀ ପରୀକ୍ଷା କରାଇ ଔଷଧ ଖାଇଥିଲେ ମଧ ଜ୍ୱର ଭଲ ହେଲାନାହିଁ। ଶେଷରେ କଟକ ବଡ଼ ଡାକ୍ତରଖାନା ଯାଇ ପରୀକ୍ଷାନିରୀକ୍ଷା କରିବାରୁ ତାଙ୍କର କିଡ୍‌ନୀ ୨ଟି ପ୍ରଭାବିତ ହୋଇଥିବା ଜଣାପଡ଼ିଥିଲା। ତେଣୁ ତୁରନ୍ତ ଗୋଟିଏ କିଡ୍‌ନୀ ପ୍ରତ୍ୟାରୋପଣ ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ଏଥିପାଇଁ ଆବଶ୍ୟକ ଅର୍ଥ ଶିଶରଙ୍କ ପରିବାର ଯୋଗାଡ଼ କରି ପାରିନ ଥିଲେ। ଫଳରେ କିଡ୍‌ନୀ ବଦଳିବା ସମ୍ଭବପର ହୋଇପାରିଲା ନାହିଁ। ଏକମାତ୍ର ବିକଳ୍ପ ଚିକିତ୍ସା ଭାବେ ଡାଏଲେସିସ୍ କରାଯାଉଥିଲା। ସେ କଟକର ନେଫ୍ରୋଲୋଜି ବିଭାଗରେ ଭର୍ତ୍ତି ହୋଇଥିଲେ। ସ୍ୱାମୀ ପରେ ବଡ଼ପୁଅଙ୍କୁ ହରାଇ ଲକ୍ଷ୍ମୀ ମୂକ ପାଲଟି ଯାଇଛନ୍ତି। ତାଙ୍କର ଏବେ ସାହା କେବଳ ସାନପୁଅ ସାଗର ସାମଲ(୨୦)। ତେଣୁ ପ୍ରଶାସନ ଏହି ପରିବାର ପ୍ରତି ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।


ଶିଶିର ସାମଲଙ୍କ ଫାଇଲ ଫଟୋ।

